# ରାଜଧାନୀ ସମେତ ୪ ସ୍ଥାନରେ ଯାଞ୍ଚ

କାରବାରକୁ ନେଇ ଅଭିଯୋଗ ରହିଥିଲା । ଏପରିକି ଜମି କିଣାବିକାରେ ଠକେଇ ହୋଇଥିବା ଭଳି ଅଭିଯୋଗ ଥିବା ସୂଚନା ରହିଛି ।

ଉକ୍ତ ସଂସ୍ଥାର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ରହିଛି । ସଂସ୍ଥା ନାମରେ ଠକେଇ ଅଭିଯୋଗ ରହିଥିଲା । ଏହାକୁ ନେଇ ଗୁରୁବାର କଲକାତା ଇଡିର ୫ଟି ଦଳ ସିଆର୍‌ପିଏଫ୍ ଯବାନଙ୍କ ସହ ଓଡ଼ିଶା ପହଞ୍ଚି ଥିଲେ । ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଓ ଅନ୍ୟ କିଛି ସ୍ଥାନରେ ଥିବା ଉକ୍ତ ସଂସ୍ଥାର କାର୍ଯ୍ୟାଳୟରେ ଏକସଙ୍ଗେ ଚଢ଼଼ଉ କରାଯାଇଥିଲା । ଏଥିରେ ଇଡିର ପ୍ରାୟ ୫୦ କର୍ମଚାରୀ ଓ ଅଧିକାରୀ ସାମିଲ ରହିଛନ୍ତି । କେତେ ଟଙ୍କାର ଠକେଇ ଅଭିଯୋଗ ରହିଛି ସେ ସମ୍ପର୍କରେ ଇଡି ପକ୍ଷରୁ ସୂଚନା ଦିଆଯାଇ ନାହିଁ ।

ନିଯୁକ୍ତି ସମ୍ପର୍କିତ ବିବାଦରେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି)କୁ ହାଇକୋର୍ଟ କଡ଼ା ସମାଲୋଚନା କରିଛନ୍ତି । ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅନୁଭବ କରି ଅଦାଲତ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏହି ଯାଞ୍ଚ କରାଯିବ । ଯିଏ ବି ଡେଣ୍ଟାଲ ସର୍ଜନ ନିଯୁକ୍ତିରେ ହୋଇଥିବା ବେଆଇନ କାର୍ଯ୍ୟ ପାଇଁ ଦାୟୀ ବୋଲି ଜଣାପଡ଼ିବେ ସମ୍ପୃକ୍ତ ଅଧିକାରୀଙ୍କଠାରୁ ୫ଲକ୍ଷ ଟଙ୍କାର ଜୋରିମାନା ଅର୍ଥ ଆଦାୟ କରାଯିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି । ଏହାସହ ପ୍ରତିପକ୍ଷ ସଞ୍ଜୟ କୁମାର ପଣ୍ଡା ଏବଂ ଅନୀଲ କୁମାର ସାହୁଙ୍କୁ ଡେଣ୍ଟାଲ ସର୍ଜନ ପଦରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ୍ ଡି.କେ ଶ୍ରୀପଦ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି । ଅଦାଲତ କହିଛନ୍ତି ଯେ ଡେଣ୍ଟାଲ ସର୍ଜନ ପଦରେ ନିଯୁକ୍ତି ପାଇଥିବା କିଛି ଡାକ୍ତର ପ୍ରତିପକ୍ଷଙ୍କଠାରୁ କମ୍ ମାର୍କ ରଖିଛନ୍ତି । ଏହାସତ୍ତ୍ୱେ ପ୍ରତିପକ୍ଷଙ୍କୁ ଡେଣ୍ଟାଲ ସର୍ଜନ ପଦରେ ନିଯୁକ୍ତି ମିଳିନି; କିନ୍ତୁ କମ୍ ମାର୍କ ରଖିଥିବା ଅନ୍ୟମାନଙ୍କୁ ଉକ୍ତ ପଦରେ ନିଯୁକ୍ତି ମିଳିଛି । ଏଭଳି ବେଆଇନ ନିଯୁକ୍ତି କୌଣସି ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ବୋଲି ଅଦାଲତ କହିବା ସହ ଓପିଏସ୍‌ସିକୁ କଡ଼ା ସମାଲୋଚନା କରିଛନ୍ତି ।

ମାମଲାରୁ ପ୍ରକାଶ ଯେ, ଓପିଏସ୍‌ସି ପକ୍ଷରୁ ୧୯୮ଟି ଡେଣ୍ଟାଲ ସର୍ଜନ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ନିୟମ ଅନୁଯାୟୀ ଓପିଏସ୍‌ସି ପକ୍ଷରୁ ପରୀକ୍ଷା ପରେ ଉତ୍ତର ପ୍ରକାଶ କରାଯିବା କଥା; କିନ୍ତୁ ଓପିଏସ୍‌ସି ଦେଇଥିଲା । କିନ୍ତୁ ପରୀକ୍ଷା ଫଳ ପ୍ରକାଶ ପରେ ଯେଉଁମାନଙ୍କ ତାଲିକା ବାହାରିଲା ସେଥିରେ ପ୍ରତିପକ୍ଷଙ୍କ ନାମ ନ ଥିଲା । ଫଳରେ ପ୍ରତିପକ୍ଷ ଦୁଇଜଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଓପିଏସ୍‌ସି ପକ୍ଷରୁ ମନୋନୀତ ହୋଇଥିବା ପ୍ରତ୍ୟେକ ପ୍ରାର୍ଥୀଙ୍କ ମାର୍କ ସହ ନାମ ତାଲିକା ପ୍ରକାଶ କରାଗଲା । ଏଥିସହ 'ଉତ୍ତର ସୂଚୀ' ମଧ ପ୍ରକାଶ ପାଇଲା । ଉତ୍ତର ସୂଚୀ ପ୍ରକାଶ ପାଇବା ପରେ ପ୍ରଶ୍ନପତ୍ରରେ ପ୍ରାୟ ୧୫ଟି ପ୍ରଶ୍ନ ଭୁଲ୍ ଥିବାର ଜଣାପଡ଼ିଥିଲା । ଏନେଇ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା । ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଓପିଏସ୍‌ସି ପକ୍ଷରୁ ଏକ ବିଶେଷଜ୍ଞ କମିଟି ଗଠନ କରାଗଲା । ଏହି ବିଶେଷଜ୍ଞ କମିଟି ରିପୋର୍ଟରୁ ୧୪ଟି ପ୍ରଶ୍ନ ଭୁଲ୍ ଥିବା ସ୍ପଷ୍ଟ କରାଗଲା । ଏହି ପ୍ରଶ୍ନପତ୍ରରେ ତ୍ରୁଟି ଆଧାରରେ ସଂଶୋଧିତ ମନୋନୟନ ତାଲିକା ପ୍ରକାଶ ପାଇଁ ଅଦାଲତ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ । ଓପିଏସ୍‌ସି କଟ୍ ଅଫ ମାର୍କ ବଢ଼ାଇ ଦେଇ ସାନି ମେଧା ତାଲିକା ପ୍ରକାଶ କଲା । ଯେଉଁଥିରେ ପ୍ରତିପକ୍ଷଙ୍କୁ ପୁନର୍ବାର ନିଯୁକ୍ତି ମିଳିଲା ନାହିଁ । ଫଳରେ ଆବେଦନକାରୀମାନେ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ଜଣିକିଆ ବିଚାରପତି ଆବେଦନକାରୀଙ୍କୁ ଡେଣ୍ଟାଲ ସର୍ଜନ ପଦରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶ ବିରୋଧରେ ଓପିଏସ୍‌ସି ହାଇକୋର୍ଟରେ ରିଟ୍ ଅପିଲ ଦାୟର କରିଥିଲା । ପ୍ରତିପକ୍ଷଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଉପେନ୍ଦ୍ର କୁମାର ସାମଲ ମାମଲା ପରିଚାଳନା କରୁଥିଲେ ।


ବ୍ୟାଙ୍କ ଅଫ୍ ଇଣ୍ଡିଆ
Bank of India BOI

## ବ୍ୟାଙ୍କ ଅଫ୍ ଇଣ୍ଡିଆ

ଆଞ୍ଚଳିକ କାର୍ଯ୍ୟାଳୟ : ସମ୍ବଲପୁର ଅଞ୍ଚଳ, ସର୍ଲାକଣି ଛକ ନିକଟ,
ପୋ.: ଧନକଉଡ଼ା, ଜିଲ୍ଲା: ସମ୍ବଲପୁର - ୭୬୮୦୦୬ (ଓଡ଼ିଶା)

## ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ(ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଏବଂ ୬(୨) ଅନୁଯାୟୀ ସ୍ଥାବର ସମ୍ପତ୍ତି ଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିକୁ ସାଙ୍କେତିକ/ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ, ତା.୧୮.୦୩.୨୦୨୬ରିଖରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି । ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ଏବଂ ସମ୍ପତ୍ତିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ଇ-ନିଲାମ ତାରିଖ ଓ ସମୟ: ୧୮.୦୩.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ସହିତ ୫ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ, ଯଦି ନିଲାମ ଡାକ ବିକ୍ରୟ ସମାପ୍ତି ପର୍ଯ୍ୟନ୍ତ ଚାଲେ ।

ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: ୧୮.୦୩.୨୦୨୬ ଅପରାହ୍ନ ୪.୩୦ ଘଟିକା ପର୍ଯ୍ୟନ୍ତ

ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୧୭.୦୩.୨୦୨୬ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ,
ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ମୁଖ୍ୟ କିମ୍ବା ରିକଭରୀ ଡିପାର୍ଟମେଣ୍ଟ, ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁର
(ଶ୍ରୀମତୀ ଲିଲିମା ପଣ୍ଡା-ମୋ.: ୮୧୪୪୦୦୨୧୦୧, ଶ୍ରୀ ସୁଜିତ କୁମାର ବଡାଇ-ମୋ.: ୭୦୦୪୭୧୭୯୮୪)ଙ୍କ ସହ ଯୋଗାଯୋଗ କରନ୍ତୁ ।

| କ୍ର. ନଂ. | ଶାଖା /ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ଦଖଲ ପ୍ରକାର /ସମ୍ପତ୍ତି ID |
|---|---|---|---|
| ୧. | **ସିଭିଲ୍ ଟାଉନ୍‌ସିପ୍ ଶାଖା, ରାଉରକେଲା /** ଶାଖା ମୁଖ୍ୟ: ମନୋଜ କୁମାର ପ୍ରଧାନ - ୯୦୩୫୧୪୫୯୨୫ (ମୋ) ଋଣଗ୍ରହୀତା: ତମଲ ସେଲଭି ପିଲ୍ଲେ / ସହ-ଋଣଗ୍ରହୀତାମାନେ: ୧) ବାବୁ ମୁର୍ତ୍ତୀ ପିଲ୍ଲେ, ୨) ଜ୍ୟୋତିର୍ମୟୀ ମହାନ୍ତି ଏବଂ ୩) ମୁର୍ତ୍ତୀ ସୁମିତ ପିଲ୍ଲେ, ସମସ୍ତଙ୍କ ବାସସ୍ଥାନ ଠିକଣା- ସା: ଧବଳେଶ୍ୱର ମାର୍କେଟ, ଦେଓଗାଁ, ପୁରୁଣା ଦୁର୍ଗା ମଣ୍ଡପ ନିକଟ, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ-୭୬୯୦୦୪ / ମୋଟ ବକେୟା ରାଶି: ତା.୦୪.୦୫.୨୦୨୨ରିଖ ସୁଦ୍ଧା ଟ.୯୩,୭୭,୩୦୯/- + ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ତମଲ ସେଲଭି ପିଲ୍ଲେଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାଉରକେଲା, ୟୁନିଟ୍ ନଂ.: ୪୭, ଝରବାହାଲ, ଥାନା: ଟାଙ୍ଗରପାଲି, ଜିଲ୍ଲା: ସୁନ୍ଦରଗଡ, ଖାତା ନଂ.: ୨୩/୩୧୭, ପ୍ଲଟ୍ ନଂ.: ୨୦୬/୯୦୫, ଅନୁରୂପ ମ୍ୟୁଟେସନ୍ ଖାତା ନଂ.: ୨୩/୨୨୯, ପ୍ଲଟ୍ ନଂ.: ୨୦୬/୯୦୫, ପରିମିତ କ୍ଷେତ୍ର: ଏକର୦.୦୩୮ ଡିସିମିଲି ଏବଂ ଖାତା ନଂ.: ୨୩/୩୧୭, ପ୍ଲଟ୍ ନଂ.: ୨୦୬/୯୦୪, ଅନୁରୂପ ମ୍ୟୁଟେସନ୍ ଖାତା ନଂ.: ୨୩/୨୨୮, ପ୍ଲଟ୍ ନଂ.: ୨୦୬/୯୦୪, କ୍ଷେତ୍ର: ଏକର୦.୦୪ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୭୮ ଡିସିମିଲି,** କିସମ: ଘରବାରୀ ସହିତ ଜମି ଏବଂ ଦୁଇ ମହଲା ଗୃହ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୨୦୬/ଅଂଶ, ଦକ୍ଷିଣ: ପ୍ଲଟ୍ ନଂ.: ୨୦୬/ଅଂଶ, ପୂର୍ବ: ପ୍ଲଟ୍ ନଂ.: ୨୦୬/ଅଂଶ ଏବଂ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୨୦୫ | ଟ.୧,୦୩,୦୦,୦୦୦/- / ଟ.୧୦,୩୦,୦୦୦/- / ସାଙ୍କେତିକ / BKID0000153 |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡ଼ିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ । ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି. ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ / ଅଧିକାର/ଦେୟ ବିଷୟରେ ଯାଞ୍ଚ କରିବା ଉଚିତ୍ । ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶୃତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ । ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ । କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ । ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ । ଉପରବର୍ଣ୍ଣିତ ସୂଚୀରେ ଉଲ୍ଲେଖିତ ସୁରକ୍ଷିତ ସମ୍ପତ୍ତିର ବିବରଣୀ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ ନିକଟରେ ଉପଲବ୍ଧ ଥିବା ସର୍ବୋତ୍ତମ ସୂଚନା ଅନୁସାରେ ଦର୍ଶାଯାଇଅଛି କିନ୍ତୁ ଏହି ସର୍ବସାଧାରଣ ନୋଟିସ୍‌ରେ କୌଣସି ପ୍ରକାରର ତୃଟି, ଭୁଲ ତଥ୍ୟ ପାଇଁ କ୍ଷମତାପ୍ରାପ୍ତ ଅଧିକାରୀ ଦାୟୀ ରହିବେ ନାହିଁ । ନିଲାମ ବିକ୍ରୟ/ବିଡିଂ କେବଳ "ଅନ୍‌ଲାଇନ୍ ବିଡିଂ ପଦ୍ଧତି" ମାଧ୍ୟମରେ ୱେବ୍‌ସାଇଟ୍ ପୋର୍ଟାଲ୍ https://baanknet.com. ମାଧ୍ୟମରେ ଅନୁଷ୍ଠିତ ହେବ । ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପ୍ରଦତ୍ତ ଲିଙ୍କ୍: https://www.bankofindia.co.in/tenders ଦେଖନ୍ତୁ ।

**ସ୍ଥାନ: ସମ୍ବଲପୁର**
**ତାରିଖ : ୨୬.୦୨.୨୦୨୬**

**କ୍ଷମତାପ୍ରାପ୍ତ ଅଧିକାରୀ**
**ବ୍ୟାଙ୍କ ଅଫ୍ ଇଣ୍ଡିଆ**